# ହ୍ୟାଚେରୀରେ ଜାଆଁଳ ଉତ୍ପାଦନ

ଆଧୁନିକ ହ୍ୟାଚେରୀ ଗୁଡ଼ିକ ଚିରସ୍ଥାୟୀ ଭାବରେ ସିମେଣ୍ଟ, କଂକ୍ରିଟ ଅଥବା ଫାଇବାର ଗ୍ଲାସର ତିଆରି ହୋଇଥାଏ। ଏହି ଛବି ଓଡ଼ିଶାର ନୂଆପଡ଼ା ଜିଲ୍ଲାର ଏକ ନୂତନ ଫାଇବାର ଗ୍ଲାସର ହ୍ୟାଚେରୀକୁ ଦର୍ଶାଉଛି।

## ଗୋଟିଏ ଆଧୁନିକ ହ୍ୟାଚେରୀ

ଗୋଟିଏ ଆଧୁନିକ ହ୍ୟାଚେରୀରେ ଚାରୋଟି ଭାଗ ରହିଛି:

- ପ୍ରଜନନ/ ଅଥବା ବିହନ ଛାଡ଼ିବା କୁଣ୍ଡ,
- ଜାଆଁଳ ବାହାରିବା/ ବିହନ ଫୁଟାଇବା କୁଣ୍ଡ,
- ଜାଆଁଳ ସଂଗ୍ରହ କୋଠରୀ ଏବଂ
- ଉପରେ ପାଣିର ଟାଙ୍କି ଅଥବା ପାଣି ଯୋଗାଇବା ପଦ୍ଧତି।

ଗୋଟିଏ ବଡ଼ ହ୍ୟାଚେରୀରେ ହୁଏତ ଥାଇପାରେ :

- ପୋଖତ ମାଛ ସଂଗ୍ରହର କୁଣ୍ଡ ଏବଂ
- ଜାଆଁଳ ପାଳନ ବା ଚାଷର କୁଣ୍ଡ

ଗୋଟିଏ ଛୋଟ ହ୍ୟାଚେରୀ ହୁଏତ:

- ଅନ୍ୟମାନଙ୍କ ପାଖରୁ ବିହନ ଉତ୍ପାଦନ ପାଇଁ ପୋଖତ ମାଛ କିଣନ୍ତି
- ଯେଉଁ ଚାଷୀ ମାନଙ୍କ ପାଖରେ ଜାଆଁଳ ପାଳିବା ପୋଖରୀ ରହିଛି ସେମାନେ ପରସ୍ପର ଯୋଗାଯୋଗ ସୂତ୍ରରେ ଲାଗି ରହିଛନ୍ତି।



ନୂଆପଡ଼ାର ହ୍ୟାଚେରୀରେ ଚାରୋଟି କୁଣ୍ଡ ରହିଛି: ଗୋଟିଏ ପ୍ରଜନନ କୁଣ୍ଡ ଏବଂ ତିନୋଟି ଜାଆଁଳ ଫୁଟାଇବା କୁଣ୍ଡ। ଏହାର ଆହୁରି ଗୋଟିଏ ଜାଆଁଳ ସଂଗ୍ରହ କୋଠରୀ ଏବଂ ଉପରେ ପାଣି ସଞ୍ଚିତ ରଖିବାର ଟାଙ୍କି ରହିଛି।

ଗୋଟିଏ ହ୍ୟାଚେରୀ ସ୍ଥାପନ କରିବା ପୂର୍ବରୁ, ତୁମକୁ ଜାଣିବା ଦରକାର ଏବଂ ନିଶ୍ଚିତ ହେବା ଆବଶ୍ୟକ ଯେ ତୁମେ ଗୋଟିଏ ଉପଯୁକ୍ତ ସ୍ଥାନ ପ୍ରସ୍ତୁତ କରିଛ।

ତୁମେ ନିଜକୁ ଏହି ପ୍ରଶ୍ନ ଗୁଡ଼ିକ କର:

- ଏହି ସ୍ଥାନକୁ ପହଞ୍ଚିବା ସହଜ କି ?
- ଏଠାରେ ଏକ ଗଭୀର ନଳକୂପ ଅଥବା ପରିଷ୍କାର ପାଣିର ଉତ୍ସ ଅଛି କି ?
- ଏଠାରେ ବିଦ୍ୟୁତ ସରବରାହ ଅଛି କି ?
- ଏହି ସ୍ଥାନ ବନ୍ୟାରୁ ରକ୍ଷା ପାଇ ପାରିବ କି ?



ଟାଙ୍କିର ଚାରିପାଖରେ ସମତଳ ସ୍ଥାନ ରହିଛି କାର୍ଯ୍ୟ କରିବା ପାଇଁ ସେଥିରେ ସାନ୍‌କେନ୍ ଭାଲ୍‌ବ ରହିଛି ତାର ଢ଼ାଙ୍କୁଣୀଟି କାଢ଼ିଦେଇ ହେବ। ଏକ ସମତଳ ସ୍ଥାନ କାର୍ଯ୍ୟ କରିବା ପାଇଁ ବହୁତ ସୁବିଧା ଓ ସୁରକ୍ଷିତ।



## ହ୍ୟାଚେରୀର କୁଣ୍ଡ ଗୁଡ଼ିକ

ଏହି ହ୍ୟାଚେରୀର ପାଣି ସଂଗୃହୀତ ଟାଙ୍କି ରହିଛି ଯାହାକି ହ୍ୟାଚେରୀର କୁଣ୍ଡ ଗୁଡ଼ିକୁ ପାଣି ସରବରାହ କରେ।



ଏହି ପ୍ରଜନନ କୁଣ୍ଡଟି ୨ ମିଟର ଚଉଡ଼ା। ଏଥିରେ ତୁମେ ପ୍ରାୟ ୧୨ କେଜି ପୋଖତ ମାଛ ରଖିପାରିବ।

ଏହି ପାଣି ସଂଗୃହୀତ ଟାଙ୍କିଗୁଡ଼ିକରେ ପରିଷ୍କାର ପାଣି ରଖାଯାଏ। ଦରକାର ବେଳେ ଏହା ହ୍ୟାଚେରୀର କୁଣ୍ଡକୁ ପାଣି ଯୋଗାଇଥାଏ।

ପ୍ରଜନନ କୁଣ୍ଡଟି ଗୋଲାକାର।

ଏହି କୁଣ୍ଡର ତଳ ଭାଗର ମଝିରେ ଗୋଟିଏ ବାହ୍ୟ ଦ୍ୱାର ରହିଛି। ଯେତେବେଳେ ମାଛ ବିହନ ଛାଡ଼େ ସେହି ପରିପୃଷ୍ଟ ବିହନ ଗୁଡ଼ିକ ଏହି ବାହ୍ୟଦ୍ୱାର ବାଟେ ଭାସି ଯାଇ ଜାଆଁଳ ସଂଗୃହୀତ କୋଠରୀରେ ରହେ।





ପ୍ରଜନନ କୁଣ୍ଡରୁ ଜାଆଁଳ ସଂଗୃହୀତ କୋଠରୀକୁ ଯିବାର ରାସ୍ତା

ଜାଆଁଳ ଫୁଟିବା କୁଣ୍ଡଟିରୁ ଟିକେ ତଳ ସ୍ତରରେ ଜାଆଁଳ ସଂଗୃହୀତ କୋଠରୀଟି ଅବସ୍ଥିତ। ଏହା ସାଧାରଣତଃ ଆୟତାକାର ହୁଏ।

ଯେତେବେଳେ ପ୍ରଜନନ କୁଣ୍ଡର ବାହାରକୁ ଯିବାର ବାଟଟି ଖୋଲେ ସେତେବେଳେ ଜାଆଁଳଗୁଡ଼ିକ ଜାଆଁଳ ସଂଗୃହୀତ କୋଠରୀକୁ ଚାଲି ଆସନ୍ତି।

ଗୋଟିଏ ହାପା ଏହି କୋଠରୀରେ ଲଗା ହୋଇଥାଏ। ଏହା ଦ୍ୱାରା ବିହନ ଗୁଡ଼ିକୁ ଅଣ୍ଡା ଫୁଟିବା କୁଣ୍ଡକୁ ନେବାରେ ସୁବିଧା ହୁଏ ଓ ଅତିରିକ୍ତ ପାଣି ବାହାରକୁ ବୋହିଯାଏ।





ବିହନ ସଂଗୃହୀତ କକ୍ଷରେ ଯଦି ଗୋଟିଏ ହାପା ଲଗାଇ ଦିଆଯାଏ ତେବେ ବିହନ ସଂଗ୍ରହ କରିବା ପାଇଁ ବହୁତ ସୁବିଧା ହୁଏ।

ଏଠାରେ ହ୍ୟାଚେରୀର କର୍ମଚାରୀ ମାନେ ହାପାର ଧାରକୁ ପାଣି ଦେଇ ଧୋଇ ଦେଉଛନ୍ତି ଯାହାଫଳରେ ସେମାନେ କୌଣସି ବିହନକୁ ନଷ୍ଟ ହେବାକୁ ଦେବେ ନାହିଁ।

ସେମାନେ ସବୁ ବିହନକୁ ସଂଗ୍ରହ କରିବା ପାଇଁ ଚାହାନ୍ତି ଯେତେ ସେମାନେ ପାରିବେ।

ପ୍ରଜନନ କୁଣ୍ଡ ଅପେକ୍ଷା ବିହନ ଫୁଟାଇବା କୁଣ୍ଡ ଛୋଟ ହୁଏ।

ବିହନ ଫୁଟାଇବା କୁଣ୍ଡରେ ପାଣି ବତକ ମୁହଁବାଲା ପାଇପ ଦ୍ୱାରା ପଶେ ଏହା ଫଳରେ ପାଣି ବୁଲେ ଓ ତା ସହିତ ଅଣ୍ଡା ଗୁଡ଼ିକ ମଧ ବୁଲୁଥାନ୍ତି।

କୁଣ୍ଡର ଚାରିପାଖରେ ଦିଆ ହୋଇଥିବା ଜାଲ, ପାଣି ଉଛୁଳିବା ସମୟରେ ଅଣ୍ଡାଗୁଡ଼ିକୁ ବାହାରି ଯିବାରୁ ରୋଧ କରେ।

କୁଣ୍ଡର ମଧ ଭାଗରେ ଗୋଟିଏ ପାଣି ବାହାରିବାର ପାଇପ ଅଛି ଯାହାଦ୍ୱାରା ଅଧିକା ପାଣିକୁ ବାହାର କରାଯାଏ।



ଏହି ବତକ ମୁହଁ ବାଲା ପାଇପ୍ ପାଣିକୁ ଗୋଲ ଗୋଲ ବୁଲାଏ।

ତୁମେ ସେହି "ବତକ ମୁହଁ"କୁ ଦେଖି ପାରୁଛ କି ?

# ପ୍ରଜନନ ଏବଂ ହ୍ୟାଚେରୀ ପରିଚାଳନା

ପୋଖତ ମାଛ ସଂଗ୍ରହ କରିବା ପୋଖରୀକୁ ଚୂନ ଓ ଖତସାର ଦେଇ ପ୍ରସ୍ତୁତ କରାଯାଏ। ଜାନୁୟାରୀ/ଫେବୃୟାରୀ ମାସ ସୁଦ୍ଧା, ଏଥିରେ ଭାକୁର, ରୋହି ଓ ମିରିକାଳି ମାଛ ସଂଗ୍ରହ କରାଯାଏ।

ଏହି ପୋଖତ ମାଛ ଗୁଡ଼ିକର ବୟସ ୨ରୁ ୩ ବର୍ଷ ହୋଇଥିବା ଆବଶ୍ୟକ ଏବଂ ଓଜନ ୧.୫ କେଜିରୁ ୪ କେଜି ପର୍ଯ୍ୟନ୍ତ ହେବ।

ପୋଖରୀରେ ପୋଖତ ମାଛକୁ ଛାଡ଼ିବା ପୂର୍ବରୁ ସେ ଗୁଡ଼ିକ ପୋଟାସିୟମ ପରମାଙ୍ଗାନେଟ୍ ପାଣିରେ ବୁଡ଼ାଇବା ଆବଶ୍ୟକ।

ପ୍ରତି ପନ୍ଦର ଦିନରେ ପୋଖରୀରେ ଜାଲ ଟାଣି ମାଛମାନଙ୍କର ଅବସ୍ଥା ପରୀକ୍ଷା କରିବା ଦରକାର।




ମେ ମାସର ଶେଷ ଓ ଜୁନ୍ ମାସର ଆରମ୍ଭରେ ପ୍ରଜନନକ୍ଷମ ମାଛ ମାନଙ୍କୁ ବାଛିବା ପ୍ରଜନନ ପାଇଁ।

ଏହି ମାଛଗୁଡ଼ିକୁ ସାବଧାନତା ସହ ପ୍ରଜନନ କୁଣ୍ଡକୁ ସ୍ଥାନାନ୍ତର କରିବା।

ପ୍ରଜନନ କୁଣ୍ଡରେ ପାଣି ୧ ମିଟର ଗଭୀର ହେବା ଆବଶ୍ୟକ। ପୋଖତ ମାଛ ପ୍ରାୟ ୩ରୁ ୪ କେଜି ରଖା ହେବା ଉଚିତ୍।

ଗୋଟିଏ ପ୍ରଜନନ କୁଣ୍ଡ ଯାହାର ମାପ ଏପାଖରୁ ସେ ପାଖ ୨ ମିଟର ଏବଂ ଯେଉଁଥିରେ ୬ ମିଟର ପାଣି ରହେ, ସେଥିରେ ପ୍ରାୟ ୧୨ କେଜି ମାଛ ଛଡ଼ାଯାଇ ପାରେ। ଯେଉଁ ପ୍ରଜନନ କୁଣ୍ଡର ମାପ ଆଡ଼ାଆଡ଼ି ୩ ମିଟର, ସେଥିରେ ୨୮ କେଜି ମାଛ ଛାଡ଼ି ହେବ।

ପୋଖତ ମାଛକୁ ପ୍ରଜନନ କୁଣ୍ଡରେ ୪ରୁ ୬ ଘଣ୍ଟା ପର୍ଯ୍ୟନ୍ତ ରଖିବା ଯାହାଫଳରେ ନୂତନ ଜଳବାୟୁରେ ଅଭ୍ୟସ୍ତ ହୋଇପାରିବ। ଏହା ପରେ ମାଇ ମାଛ ଗୁଡ଼ିକୁ ବାହାର କରି ଇନ୍‌ଜେକ୍‌ସନ ଦେଇ ପୁଣି କୁଣ୍ଡରେ ଛାଡ଼ିଦେବା

ଏହି କ୍ରମରେ ୪ରୁ ୬ ଘଣ୍ଟା ପରେ ପୁଣି ଥରେ ମାଇ ମାଛକୁ ଇନ୍‌ଜେକ୍‌ସନ ଦେବା। ଏହି ସମୟରେ ଅଣ୍ଡିରା ମାଛକୁ ମଧ ଇନ୍‌ଜେକ୍‌ସନ୍ ଦେବା ଯଦି ଦରକାର ପଡ଼େ।




"ଓଭାପ୍ରିମ୍" ଏକ ଉତ୍ତେଜକ ବସ୍ତୁ ଯାହା ମାଛକୁ ବିହନ ଧାରଣ କରିବାରେ ସାହାଯ୍ୟ କରେ।







ଦ୍ୱିତୀୟ ଇନ୍‌ଜେକ୍‌ସନର ୩ରୁ ୪ ଘଣ୍ଟା ପରେ, ବତକ ମୁହଁ ବାଲା ପାଇପକୁ ଖୋଲିଦେବା, କୁଣ୍ଡ ଭିତରେ ଗୋଟିଏ ଗୋଲାକୃତ ତରଙ୍ଗ ସୃଷ୍ଟି କରିବା ପାଇଁ। ଉପରୁ ବର୍ଷାଜଳ ପରି କୁଣ୍ଡରେ ପାଣି ପକାଇବା।

ଯେତେବେଳେ ମାଛ ଗୁଡ଼ିକ ବିହନ ଛାଡ଼ିଦେବେ, ଅଣ୍ଡାଗୁଡ଼ିକୁ ଅଣ୍ଡା ଫୁଟିବା କୁଣ୍ଡକୁ ସ୍ଥାନାନ୍ତର କରିବା। ଏହି ସମୟରେ ଅଣ୍ଡାଗୁଡ଼ିକର ପରିପୁଷ୍ଟ ପରୀକ୍ଷା କରି ଦେଖିବା।

ଅଣ୍ଡା ଫୁଟେଇବା କୁଣ୍ଡରେ ୭ରୁ ୮ ଲକ୍ଷ ଅଣ୍ଡା ରଖାଯାଇ ପାରେ ଯେଉଁଥିରେ ୩ ମିଟର ପାଣିଥିବ ଅଣ୍ଡା ଫୁଟିବା ପାଇଁ।

ଅଣ୍ଡାରୁ ଜାଆଁଳ ବାହାରିବା ପାଇଁ ୧୬ରୁ ୨୦ ଘଣ୍ଟା ସମୟ ଲାଗେ। ଜାଆଁଳ ବାହାରିବା ପରେ ଖୋଳପା ଗୁଡ଼ିକ ନାଇଲନ୍ ଜାଲ ବାଟେ ବାହାରି ଯାଏ।

୭୨ ଘଣ୍ଟା ପରେ ବିହନରୁ ବାହାରି ଥିବା ଜାଆଁଳଗୁଡ଼ିକୁ ଜାଆଁଳ ସଂଗୃହୀତ କକ୍ଷରେ ସଂଗ୍ରହ କରାଯାଏ।

ଜାଆଁଳ ଗୁଡ଼ିକୁ ଓଜନ କରାଯାଏ କେତେ ପରିମାଣ ପ୍ରାପ୍ତ ହେଲା ଜାଣିବା ପାଇଁ।

ଏହି ଜାଆଁଳ ଗୁଡ଼ିକ ବର୍ତ୍ତମାନ୍ ଜାଆଁଳ ପାଳନ କେନ୍ଦ୍ରରେ ପାଳନ କରାଯାଏ।



ଏହି ଅଣ୍ଡା ଫୁଟିବା କୁଣ୍ଡଟି ୧ ମିଟର ଚଉଡ଼ା ଏବଂ ଏଥିରେ ୨୦ ଲକ୍ଷ ବିହନ ରଖି ହେବ।

ଜାଆଁଳ ଏହି କୁଣ୍ଡରେ ସେତେଦିନ ପର୍ଯ୍ୟନ୍ତ ରହନ୍ତି ଯେତେଯାଏ ସେମାନେ ପାଳନ କେନ୍ଦ୍ରକୁ ଯିବା ପରି ବଡ଼ ନ ହୁଅନ୍ତି।



## ପରିପୁଷ୍ଟତାର ଦର ମାପିବା

ମଣିଷମାନେ ଅନେକ ପ୍ରଶ୍ନ ପଚାରନ୍ତି, ମାଛମାନଙ୍କ ପରି।





ମୁଁ କିପରି ଅଣ୍ଡାର ଉର୍ବରତା ବା ପରିପୁଷ୍ଟତା ମାପି ପାରିବି ?

ପ୍ରଥମେ ତିନୋଟି ଯେ କୌଣସି ନମୁନା ନିଅ। ପ୍ରତିଟିରେ ପ୍ରାୟ ୨୫୦ଟି ଅଣ୍ଡା ଥିବା ଆବଶ୍ୟକ। ସେଗୁଡ଼ିକୁ ଖୁବ୍ ଧ୍ୟାନପୂର୍ବକ ଗୋଟିଏ ପେଟ୍ରୀ ଡିସ୍‌ରେ ବା କାଚ ପ୍ଲେଟରେ ରଖି ଦେଖ।

ଭଲ ଅଣ୍ଡାଗୁଡ଼ିକ ସ୍ୱଚ୍ଛ ଦେଖାଯିବ, ଯେତେବେଳେ କି ଖରାପ ଅଣ୍ଡା ଗୁଡ଼ିକ ଅସ୍ୱଚ୍ଛ ଦେଖାଯିବ।

ପ୍ରତି ଡିସ୍‌ର ଭଲ ଅଣ୍ଡାର ପାରସେନ୍‌ଟେଜ୍ ନିର୍ଣ୍ଣୟ କର ତିନୋଟି ପାତ୍ରର ଏଭାରେଜ ହେଉଛି ପ୍ରତିଶତ ବା ପରିପୁଷ୍ଟତାର ହାର।



କାହିଁକି ପରିପୁଷ୍ଟତାର ହାର ମାପିବା ଏତେ ଜରୁରୀ ?

ଗୋଟିଏ କାଚ ପାତ୍ରରେ କିଛି ବିହନ ନିଅ ଓ ସେଥିରେ ଭଲ ଅଣ୍ଡା ଓ ଖରାପ ଅଣ୍ଡାକୁ ଗଣି ଦେଖ।



ଭଲ, ଏହି ପଦକ୍ଷେପଟି ବହୁତ ଜରୁରୀ ଓ ଦରକାରୀ କାହିଁକି ନା ଏହା ଆମକୁ ଜଣାଇବ ଆମେ କେତେ ଜାଆଁଳ ପାଇବା ପାଳନ କେନ୍ଦ୍ରରେ ସଂଗ୍ରହ କରିବା ପାଇଁ।

### ଦରକାରୀ ଯୋଗାଯୋଗ !

### ଆହୁରି ଅଧିକ ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା

ଏହି ଶୃଙ୍ଖଳାରେ ଆହୁରି ଅନେକ ଗୁଡ଼ିକ ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା ରହିଛି। ଆପଣ ଏହି ସଂଖ୍ୟାର ଓ ଅନ୍ୟ ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକାର ପ୍ରତିଲିପି ଗୁଡ଼ିକ ପାଇ ପାରିବେ ଆପଣଙ୍କର ସ୍ଥାନୀୟ ମତ୍ସ୍ୟସେବା କେନ୍ଦ୍ରରୁ, ଷ୍ଟ୍ରୀମ ଇଣ୍ଡିଆ ସଂଚାର କେନ୍ଦ୍ରରୁ, ଷ୍ଟ୍ରୀମ୍‌ର ଆଞ୍ଚଳିକ ଅଫିସ୍‌ରୁ ଓ ଷ୍ଟ୍ରୀମ ୱେବ ସାଇଟ୍‌ରୁ *www.streaminitiative.org*

ଆମର ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା ଉପରେ ଆପଣଙ୍କର ମତାମତ ଆମ୍ଭେମାନେ ଜାଣିବା ପାଇଁ ଇଚ୍ଛୁକ। ଆପଣ ସେ ବିଷୟରେ ଆମକୁ ଜଣାଇ ପାରିବେ, ଫୋନ୍ ଦ୍ୱାରା, ଇ ମେଲ୍ ଦ୍ୱାରା, ଅଥବା ପତ୍ର ଦ୍ୱାରା, ଷ୍ଟ୍ରୀମ୍‌ର ଦେଶୀୟ କାର୍ଯ୍ୟାଳୟରେ ସଂଚାର କେନ୍ଦ୍ର ପ୍ରବନ୍ଧକଙ୍କୁ ଜଣାଇ ପାରିବେ।

ଆପଣଙ୍କ ସ୍ଥାନୀୟ ମତ୍ସ୍ୟ ସେବା କେନ୍ଦ୍ରର ଠିକଣା :

### ଷ୍ଟ୍ରୀମ୍ କଂଟ୍ରୀ ଅଫିସର ଠିକଣା :

ଷ୍ଟ୍ରୀମ୍ କଂଟ୍ରୀ ଅଫିସ (ଭାରତ)
ଡିଉପ୍ଲେକ୍ସ – ୦୨ ଟି.ଏସ୍.ହୋମସ୍
ଟଙ୍କପାଣି ରୋଡ଼
ଭୁବନେଶ୍ୱର – ୧୮
ଫୋନ୍: **୦୬୭୪ - ୨୩୮୧୮୫୧**
ଫେକ୍ସ : ୦୬୭୪- ୨୩୮୧୮୫୧
ଇ-ମେଲ: *streamin@sancharnet.in*

20423

### ୱାଲଫ ଅଫିସର ଠିକଣା :

STREAM | Support to Regional Aquatic Resources Management

nr international